ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 843/10-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୦ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମାନବିକ ଅଧିକାର ଦିବସ ଅବସରରେ ଏକ ଦୃଢ଼, ନ୍ୟାୟପୂର୍ଣ୍ଣ ଓ ସର୍ବାଙ୍ଗୀନ ଅଭିବୃଦ୍ଧିର ବିଶ୍ୱ ନିର୍ମାଣ ନିମନ୍ତେ ବୈଷମ୍ୟ, ପକ୍ଷପାତିତାର ବିଲୋପ ସହିତ ସମସ୍ତଙ୍କର, ବିଶେଷତଃ ସମ୍ବେଦଶୀଳ ଓ ଅନଗ୍ରସର ବର୍ଗଙ୍କ ମାନବିକ ଅଧିକାର ସୁରକ୍ଷା ସକାଶେ ପ୍ରତିବଦ୍ଧ ହେବାକୁ ଆହ୍ୱାନ ଜଣାଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ବରମୁଣ୍ଡାସ୍ଥିତ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଛନ୍ତି ଓ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭୁବନେଶ୍ୱରରେ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ ପାଇଁ ୧୮୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଏବଂ ଏହାର ନିର୍ମାଣ କାର୍ଯ୍ୟ ୧୮ ମାସ ମଧ୍ୟରେ ସଂପୂର୍ଣ୍ଣ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାର ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ଭୁବନେଶ୍ୱରରେ ଏହା ଏକ ନୂତନ ମାଇଲଖୁଣ୍ଟ ହେବ । ଏହି ପ୍ରକଳ୍ପର ଦୁଇଟି ଭାଗ ରହିଛି–ଗୋଟିଏ ଖଣ୍ଡଗିରି ବସ୍ ଡିପୋ ଓ ଅନ୍ୟଟି ବରମୁଣ୍ଡାସ୍ଥିତ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ । ଖଣ୍ଡଗିରି ବସ୍‌ଡିପୋ କାର୍ଯ୍ୟ ଯଥା ସମୟରେ ଶେଷ ହୋଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅତ୍ୟାଧୁନିକ ଢାଞ୍ଚାରେ ଯାତ୍ରୀମାନଙ୍କୁ ସୁଯୋଗସୁବିଧା ସମ୍ବଳିତ ଏହି ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ କରାଯିବ ଏବଂ ଏଥିରେ ବସ୍‌ଗୁଡ଼ିକର ପ୍ରବେଶ ଓ ପ୍ରସ୍ଥାନ ପାଇଁ ପ୍ରଶସ୍ତ ସ୍ଥାନ ଏବଂ ବାଣିଜ୍ୟିକ ସ୍ଥାନ ନିମନ୍ତେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି । ସେ ପୁଣି କହିଛନ୍ତି ଯେ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ର ରୂପାନ୍ତରୀକରଣ କାର୍ଯ୍ୟ ୫–'ଟି' କାର୍ଯ୍ୟକ୍ରମ ଅଧୀନରେ ଗ୍ରହଣ କରାଯାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ ଶ୍ରୀ ସୁଶାନ୍ତ ରାଉତ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍, ଭୁବନେଶ୍ୱର ମହାନଗର ନିଗମର କମିଶନର ଓ ପୋଲିସ୍ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍)କୁ ଉତ୍କର୍ଷ କେନ୍ଦ୍ର ଭାବରେ କେନ୍ଦ୍ର ସରକାର ମାନ୍ୟତା ପ୍ରଦାନ କରିଥିବାରୁ ତାହାକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ଏହି ଅନୁଷ୍ଠାନ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'କୁ ପରିଚାଳିତ କରିଥାଏ ଓ ସରକାରୀ ସ୍ତରରେ ଅଣବୈଷୟିକ ତାଲିମ ପାଇଁ ରାଜ୍ୟର ଅନୁରୂପ ପ୍ରଥମ ଅନୁଷ୍ଠାନ ।

- ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ୫୮୦ କୋଟି ଟଙ୍କାର ନିବେଶ ତଥା ୩୨୪୫ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଭଳି ୨୮ଟି ପୁଞ୍ଜିନିବେଶ ପ୍ରକଳ୍ପକୁ ତ୍ୱରିତ ଜମି ପ୍ରଦାନ କାର୍ଯ୍ୟ ଅନୁମୋଦିତ ହୋଇଛି । ମୁଖ୍ୟ ଶାସନ ସଚିବ ଓଡ଼ିଶା ଶିଳ୍ପ ବିକାଶ ନିଗମ (ଇଡ୍‌କୋ) ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଜ ନିଜ ସ୍ଥାନରେ ନିର୍ମାଣ କାର୍ଯ୍ୟ ଶେଷ କରିବା ନିମନ୍ତେ ଉଦ୍ୟୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେ ମଧ୍ୟ ପ୍ରକଳ୍ପ ନିର୍ମାଣ ଶେଷ କରି ଯଥାଶୀଘ୍ର ପ୍ରକଳ୍ପଗୁଡ଼ିକର କାର୍ଯ୍ୟାରମ୍ଭ ପାଇଁ ସବୁପ୍ରକାର ସହଯୋଗ କରିବା ନିମନ୍ତେ ସଂପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

    - ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ବିଶଦ ସୂଚନା ପ୍ରଦାନପୂର୍ବକ କହିଥିଲେ ଯେ ଜମି ଆବଶ୍ୟକ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ସୂଚନା ପ୍ରଯୁକ୍ତି ଓ ସୁଚନା ପ୍ରଯୁକ୍ତି ଇଲେକ୍‌ଟ୍ରୋନିକ୍ସ, ଅଟୋମୋବାଇଲ୍, କୃଷି ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଲଘୁଯାନ୍ତ୍ରିକ, ବିହନ ପ୍ରକ୍ରିୟାକରଣ ସମ୍ବଳିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ।

    - ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ଡ. ମୋନା ଶର୍ମା, ପ୍ରମୁଖ ଶାସନ ସଚିବ, ଶିଳ୍ପ ଶ୍ରୀ ହେମନ୍ତ ଶର୍ମା, ପ୍ରମୁଖ ଶାସନ ସଚିବ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଶ୍ରୀ ସଂଜୀବ ଚୋପ୍ରା, ପ୍ରମୁଖ ଶାସନ ସଚିବ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶ୍ରୀ ସତ୍ୟବ୍ରତ ସାହୁ, ଶାସନ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଶ୍ରୀ ସଂଜୟ କୁମାର ସିଂ, ସଚିବ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଶ୍ରୀ ମନୋଜ ମିଶ୍ର, ଭୁବନେଶ୍ୱର ମହାନଗର ନିଗମର କମିଶନର ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସନତ କୁମାର ମହାନ୍ତି ଏବଂ ସଂପୃକ୍ତ ବିଭାଗଗୁଡ଼ିକର ବରିଷ୍ଠ ଅଧିକାରୀବୃନ୍ଦ ବୈଠକରେ ଅଂଶଗ୍ରହଣ କରିଥିଲେ ।

- ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୯ ରୁ ୧୦ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୨୧ ଜଣ ବ୍ୟକ୍ତିଙ୍କୁ ଗିରଫ, ୭୩୮ ଟି ଗାଡ଼ି ଜବତ ଏବଂ ୨୩,୦୧,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୨,୮୧,୧୬୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୨,୬୪୯ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ୩,୧୭,୪୧୨  ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୭୯୪ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୩୮୩ ରହିଛି ।
- ୩,୩୮୩ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**